## ସଂକ୍ଷେପରେ

### ପଥର, ବାଲି ବୋଝେଇ ଗାଡ଼ି ଜବତ



**ଢେଙ୍କାନାଳ ଅଫିସ/ଭୁବନ(ଡି.ଏନ.ଏ.), ୧୦।୭:** ଢେଙ୍କାନାଳ ସଦର ଥାନା କଙ୍କଡ଼ାହାଡ଼ ଗ୍ରାମରୁ ୨ଟି ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଖାଦାନରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ସୂଚନା ପାଇ ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଟ୍ରାକ୍ଟର ଦୁଇଟିକୁ ସଦର ତହସିଲ କାର୍ଯ୍ୟାଳୟକୁ ଅଣାଯାଇଛି। ସେହିପରି ଭୁବନ ବ୍ଲକ ଭୂଷଳ ଛକରୁ ଏକ ବାଲି ବୋଝେଇ ହାଇୱା (ନଂ. ଓଡି ୦୪ ପି ୨୬୪୯) ଜବତ କରାଯାଇଛି। ଗାଡ଼ିରୁ ୫୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ନେତୃତ୍ୱରେ କରାଯାଇଥିବା ଏହି ଚଢ଼ାଉରେ ତହସିଲ ଏବଂ ରାଜସ୍ୱ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ।

### ମହିଳାଙ୍କ ଆତ୍ମହତ୍ୟା

**କାମାକ୍ଷାନଗର, ୧୦।୭(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ନୂଆରାଙ୍କିଆ ଗ୍ରାମର ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ସ୍ତ୍ରୀ ଅଞ୍ଜନା ଗୁରୁବାର ରାତିରେ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ପାରିବାରିକ କଳହରୁ ସେ ଏପରି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ସାପ କାମୁଡ଼ାରେ ମହିଳା ଗୁରୁତର

**ଭୁବନ,୧୦।୭(ଡି.ଏନ.ଏ.):** ଭୁବନ ଏଏନ୍ଏସି ଅନ୍ତର୍ଗତ ବନ୍ଦାଳ ଗ୍ରାମର ତଅପୋଇ ମଲ୍ଲିକ (୨୦)ଙ୍କୁ ଶୁକ୍ରବାର ଏକ ବିଷାକ୍ତ ସାପ କାମୁଡ଼ି ଦେଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭୁବନ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପରୀକ୍ଷା ପାଇଁ ଗଲା ୧୪୬ ସ୍ୱାବ୍

**ଭୁବନ,୧୦।୭(ଡି.ଏନ.ଏ.):** ଭୁବନ ବ୍ଲକରୁ ୧୪୬ ଜଣଙ୍କ ସ୍ୱାବ୍ ପରୀକ୍ଷା ଲାଗି ନିଆଯାଇଛି। ସେମାନଙ୍କ ମଧ୍ୟରେ ଦାଘି ପଞ୍ଚାୟତର ୨୨ଜଣ, ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ଏନ୍ଏସିର କରୋନା ସନ୍ଦିଗ୍ଧ ଅଛନ୍ତି। ଅସୁରବନ୍ଧ ବାତ୍ୟା ଆଶ୍ରୟସ୍ଥଳୀରେ ଢେଙ୍କାନାଳ ଜିଲା ଚିକିତ୍ସାଳୟର କର୍ମଚାରୀ ଉପସ୍ଥିତ ରହି ସ୍ୱାବ୍ ସଂଗ୍ରହ କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

**କଣିହାଁ, ୧୦।୭(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଥାନା ବିଜିଗୋଳ ପଞ୍ଚାୟତ ଆମ୍ବପାଳ ଗ୍ରାମର ଅରୁଣ ବେହେରା(୪୫) ଶୁକ୍ରବାର ଆତ୍ମହତ୍ୟା କରିଥିବା ଜଣାପଡିଛି। ପୂର୍ବାହ୍ନରେ ତାଙ୍କ ମୃତଦେହ ଘରେ ଝୁଲୁଥିବା ଦେଖି ପରିବାର ଲୋକେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସ୍ଆଇ ଅମିୟ ଦାସ କହିଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ର ସୂଚନା ଅନୁଯାୟୀ ନଂ. ୫/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି।

### କୀର୍ତ୍ତିରାଜ ନୂଆ ସଂଯୋଜକ

**ଅନୁଗୋଳ ଅଫିସ୍, ୧୦।୭:** ଅନୁଗୋଳ ଜିଲା ଯୁବ କଂଗ୍ରେସ ସୋସିଆଲ ମିଡିଆର ନୂଆ ସଂଯୋଜକ ଭାବେ ଯୁବନେତା କୀର୍ତ୍ତିରାଜ ବିଶୋଇ ନିଯୁକ୍ତ ହୋଇଛନ୍ତି। ରାଜ୍ୟ କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ଅଭିଳାଷ ପତି ବିଶୋଇଙ୍କୁ ମନୋନୀତ



କରିଛନ୍ତି। ଏହି ନିଯୁକ୍ତି ପରେ ବିଶୋଇ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ଅନୁଗୋଳ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଯୋଜନା ବଦଳାଇ ଚଢ଼ାଉ

- ଅସାଧୁ କର୍ମଚାରୀଙ୍କୁ ଭରସା ପାଉନି
- ବେସରକାରୀ ଗାଡ଼ିରେ ଗଲେ ଅଧିକାରୀ
- ୪ ଟିପ୍ପର, ମାଟିଖୋଳା ମେଶିନ ଜବତ



ଜବତ ଟିପ୍ପର

**ଓଡ଼ାପଡ଼ା, ୧୦।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ ଲଘୁ ଖଣିଜ ଚୋରାଚାଲାଣ ପାଇଁ ସ୍ୱତନ୍ତ୍ର ଭାବେ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯିବା ଏବଂ ଏଥିରେ କେତେଜଣ ଅଧସ୍ତନ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେବା ପରେ ଅଧିକାରୀଙ୍କ ମୁଣ୍ଡବ୍ୟଥା ବଢ଼ିଛି। ତେଣୁ ଚଢ଼ାଉ ପୂର୍ବରୁ ଯୋଜନା ବିଷୟରେ କାହାରିକୁ ନ ଜଣାଇ ଅତର୍କିତ ବେଆଇନ ଖାଦାନ ଦରାଣ୍ଡିବାକୁ ଯୋଜନା କରିଛନ୍ତି ଅଧିକାରୀ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୋର୍ ସମୟରେ ବାଉତିରଗଡ଼ସ୍ଥିତ ରୋଡ୍ ମେଟାଲ ଖଣି ଉପରେ ତହସିଲ ପ୍ରଶାସନ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି। ଚଢ଼ାଉ ସମ୍ପର୍କରେ ଖଣିଜ ଚୋରା ଚାଲାଣକାରୀମାନେ ଯେପରି ସାମାନ୍ୟତମ ସୁରାକ ନ ପାଆନ୍ତି ସେଥିଲାଗି ଅଧିକାରୀମାନେ ସରକାରୀ ଗାଡ଼ି ପରିବର୍ତ୍ତେ ବେସରକାରୀ ଗାଡ଼ି ବ୍ୟବହାର କରିଥିଲେ। ଘଟଣାସ୍ଥଳରୁ କଳା ମୁରୁମିପଥର ଚାଲାଣ କରୁଥିବା ୪ଟି ଟିପ୍ପର (ନଂ. ଓଆର ୦୯ କେ ୨୪୬୩), (ଓଆର ୧୯ କେ ୧୩୫୭), (ଓଆର ୧୯ ଏଲ୍ ୧୩୫୭), (ଓଆର ୦୬ ଜେ ୬୮୧୭) ଏବଂ ଗୋଟିଏ ମାଟିଖୋଳା ମେଶିନ ଜବତ କରାଯାଇଛି। ଅତିରିକ୍ତ ତହସିଲଦାର ସାଗରିକା ସାହୁ, ଅନୁପମା ମୁର୍ମୁ, ଆର୍ଆଇ ଚିନ୍ମୟ ଦାସ, ସୌମ୍ୟରଞ୍ଜନ ପରିଡ଼ା, ଗଦାଶିଳା ଏଆରଆଇ ଉତ୍ସବ ଦେହୁରୀ, ମୋଟଙ୍ଗା ଏଆରଆଇ ଦୀନେଶ ରାଉତରାୟ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଜବତ ଗାଡିଗୁଡିକୁ ଗୁଡିଆକାଟେଣୀ ପୋଲିସ ବିଟ୍ ହାଉସ ଜିମା ଦିଆଯାଇଛି।

### ସୂଚନା ପ୍ରଘଟ ଘଟଣାର ତଦନ୍ତ

ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟର ଜଣେ ଅସାଧୁ କର୍ମଚାରୀଙ୍କ ଦ୍ୱାରା ହ୍ୱାଟ୍ସ୍ ଆପ୍‌ରେ ଲଘୁ ଖଣିଜ ଚାଲାଣକାରୀଙ୍କୁ ଚଢ଼ାଉ ସମ୍ପର୍କିତ ଆଗୁଆ ସୂଚନା ଦିଆଯାଉଥିବାର ଅଡିଓ ଭାଇରାଲ୍ ହେବା ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଅଡିଓ ଭଏସ୍ ଏବଂ ବାର୍ତ୍ତାଳାପକୁ ଆଧାର କରି ତଦନ୍ତ କରାଯାଉଛି। ଏ ନେଇ ଅତିରିକ୍ତ ତହସିଲଦାର ସାଗରିକା ସାହୁ କୁହନ୍ତି, ଘଟଣାର ଅନୁଧାନ କରାଯାଉଛି। ଏଥିନେଇ ଖୁବ୍‌ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୪ ପଜିଟିଭ୍, ୨ ଆରୋଗ୍ୟ

**ଢେଙ୍କାନାଳ ଅଫିସ, ୧୦।୭**

ଢେଙ୍କାନାଳ ଜିଲାରେ ଶୁକ୍ରବାର ୪ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୨ଜଣ ସୁସ୍ଥ ହୋଇ ଫେରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ କଟକ ଏସ୍‌ସିବିକୁ ଚିକିତ୍ସା ଲାଗି ଯାଇଥିବାବେଳେ ସ୍ୱାବ୍ ପରୀକ୍ଷାରୁ ସେମାନଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ସେହିପରି କାମାକ୍ଷାନଗର ବୁଢ଼ୀବିଲି ଏବଂ କନ୍ତିଓପୁଟସାହି ସଙ୍ଗରୋଧ କେନ୍ଦ୍ରରୁ ଦୁଇଜଣ ପ୍ରବାସୀଙ୍କ ନିକଟରେ କରୋନା ଲକ୍ଷଣ ଦେଖାଦେଇଛି। ସମ୍ପୃକ୍ତ ୨ଜଣ ଯଥାକ୍ରମେ ତେଲଙ୍ଗାନା ଏବଂ ତାମିଲନାଡୁରୁ ଫେରିଥିଲେ। ୭ ତାରିଖରେ ସେମାନଙ୍କ ସ୍ୱାବ ପରୀକ୍ଷା ଲାଗି ପଠାଯାଇଥିବାବେଳେ ୯ ତାରିଖରେ ରିପୋର୍ଟ ପଜିଟିଭ୍ ଆସିଛି। ସମସ୍ତଙ୍କୁ ଢେଙ୍କାନାଳ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି।

## ୩ ପଞ୍ଚାୟତ ଶଟ୍‌ଡାଉନ

**କଣିହାଁ, ୧୦।୭(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକରେ ଗୁରୁବାର ୫ ଜଣ କରୋନା ଆକ୍ରାନ୍ତ ବାହାରିବା ପରେ ଅର୍କିଳ, ପରାବିଲ, କର୍ଣ୍ଣପାଳ ପଞ୍ଚାୟତକୁ ଶୁକ୍ରବାର ଶଟ୍‌ଡାଉନ ଘୋଷଣା କରାଯାଇଥିଲା। ଏଥିସହ କର୍ଣ୍ଣପାଳ ସରପଞ୍ଚ ମୋନାଲିସା ବେହେରା ଶିପୁରଠାରେ ଥିବା ବିଦେଶୀ ମଦ ଦୋକାନକୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ନ ଖୋଲିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସେହିପରି ସାନତ୍ରିବିଡା ସରପଞ୍ଚ ବାବୁଲି ସେଠୀ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ସଙ୍ଗରୋଧରେ ରହିବାକୁ ନୋଟିସ୍ ଜାରି କରିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ୭୮ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କହିଛନ୍ତି। ଶନିବାର ମଧ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସ୍ୱାବ ସଂଗ୍ରହ କରାଯିବ।

### ଆଉ ୩ ପଜିଟିଭ୍

**ଅନୁଗୋଳ ଅଫିସ୍, ୧୦।୭:** ଅନୁଗୋଳ ଜିଲାରୁ ଶୁକ୍ରବାର ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତେ କିଶୋରନଗର ବ୍ଲକ ଅଞ୍ଚଳର ହୋଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୨୧ ବର୍ଷୀୟା ମହିଳା ଗତ ୩ ତାରିଖରେ ଗୁଜରାଟରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେହିପରି ଜଣେ ୨୨ ବର୍ଷୀୟ ଓ ୨୬ ବର୍ଷୀୟ ଯୁବକ ଗତ ୧ ତାରିଖରୁ ହାଇଦ୍ରାବାଦରୁ ଫେରି ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ କ୍ୱାରାଣ୍ଟାଇନ୍‌ରେ ଥିଲେ। ଶୁକ୍ରବାର ସେମାନଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## କିଶୋରନଗର ବ୍ଲକରୁ ୬୯ ଜଣଙ୍କ ସ୍ୱାବ୍ ସଂଗ୍ରହ

**ବଇଣ୍ଡା, ୧୦।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ ଗୁରୁବାର ଜଣେ କରୋନା ପଜିଟିଭ ଚିହ୍ନଟ ହେବା ପରେ ଶୁକ୍ରବାର ୬୯ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଆସି ସ୍ୱାବ ସଂଗ୍ରହ କରିଥିଲେ। କୋଭିଡ୍ ଦାୟିତ୍ୱରେ ଥିବା ଡା. ହରପ୍ରିୟା ବିଶ୍ୱାଳ, ଷ୍ଟାଫନର୍ସ ନିହାରିକା ନାୟକ, ସ୍ୱାସ୍ଥ୍ୟକର୍ମୀ ନାରାୟଣ ଦେହୁରୀ, ଏନଏମ୍ ଚନ୍ଦନା ସାହୁ, ବିଦ୍ୟୁସ୍ମିତା ବେହେରା ପ୍ରମୁଖ ସ୍ୱାବ ନେଇଥିଲେ। ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସମସ୍ତେ ଘରେ ରହିବାକୁ ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ ପରାମର୍ଶ ଦେଇଛନ୍ତି।

## ନିଯୁକ୍ତି ବନ୍ଦକୁ ବିରୋଧକରି ଜୋତା ପଲିସ୍



କଂଗ୍ରେସ ପକ୍ଷରୁ ବିକ୍ଷୋଭ।

**ଅନୁଗୋଳ ଅଫିସ୍, ୧୦।୭**

୨ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ନ ଦେବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଅନୁଗୋଳ ଜିଲା ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମୀମାନେ କୌଣସି ନାରାବାଜି ନ ଦେଇ ଜୋତା ପଲିସ କରିଥିବା ଦେଖିବାକୁ ମିଳିଥିଲା। ଜିଲା ଯୁବ କଂଗ୍ରେସ ସମ୍ପାଦକ ଲୁଟୁରଞ୍ଜନ ଥାପାଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ଡାକରାରେ ଏହି ବିକ୍ଷୋଭ କରାଯାଇଥିଲା। ସରକାର ନିଯୁକ୍ତି ନ ଦେଲେ ବେକାରି ସଂଖ୍ୟା ଆହୁରି ବଢ଼ିଯିବ ବୋଲି ଅଭିଯୋଗ ହୋଇଥିଲା। ଏଥିରେ ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ, ବିଶ୍ୱଜିତ ବିଶ୍ୱାଳ, ମାନସ ବିଶ୍ୱାଳ, ଅଭିଷେକ ନାଏକ, ଆଦିସେ ନାୟକ, ଦିନେଶ ସାହୁ, ସୁଜିତ ଦେହୁରୀ, କୈଳାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିଲା ‘ଆହାର’

- ୨ ଏସ୍ଏଚ୍‌ଜିକୁ ଦିଆଗଲା ପରିଚାଳନା ଦାୟିତ୍ୱ
- କୋଭିଡ୍ ହେଲ୍‌ଥ ସେଣ୍ଟର ହେଲା କୋଭିଡ୍ ହସ୍ପିଟାଲ
- ସହରର ଆବର୍ଜନା ଉଠାଇବାକୁ ଗଡ଼ିଲା ବ୍ୟାଟେରି ଗାଡ଼ି

**ଢେଙ୍କାନାଳ ଅଫିସ, ୧୦।୭**



ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଆହାର କେନ୍ଦ୍ରକୁ ଲୋକାର୍ପଣ କରୁଛନ୍ତି।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ନୂତନ ଆହାର କେନ୍ଦ୍ରରେ ଶୁକ୍ରବାର ନୂତନ ଆହାର କେନ୍ଦ୍ର ଲୋକାର୍ପିତ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦିନବେଳା ୧୦ନଂ. ୱାର୍ଡର ଲକ୍ଷ୍ମୀଶ୍ରୀ ଏସ୍ଏଚ୍‌ଜି ଏବଂ ରାତିରେ ୧୧ନଂ. ୱାର୍ଡର ଜୟ ମା’ ଗାୟତ୍ରୀ ଏସ୍ଏଚ୍‌ଜି ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱ ତୁଲାଇବେ। ଏହାର ଭିତିଭୂମି ବିକାଶ ଲାଗି ୩୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଏଡିଏମ୍‌ଓ ଡା. ନମିତା ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଢେଙ୍କାନାଳ ଜିଲାରେ କରୋନା ମୁକାବିଲାକୁ ଆହୁରି ଜୋର୍‌ଦାର କରିବାକୁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିଲାଗି ସ୍ଥାନୀୟ କୋଭିଡ୍ ହେଲ୍‌ଥ ସେଣ୍ଟରକୁ କୋଭିଡ୍ ହସ୍ପିଟାଲରେ ପରିବର୍ତ୍ତିତ କରାଯାଇଛି। ପୂର୍ବରୁ ଏଠାରେ ୧୦୦ ଶଯ୍ୟା ଥିବାବେଳେ ଏହାକୁ ୨୫୦କୁ ବୃଦ୍ଧି କରାଯାଇଛି। ଏଠାରେ ୬ଟି ଆଇସିୟୁ ମଧ୍ୟ କାର୍ଯ୍ୟକ୍ଷମ ହେଉଛି। କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ଗତ ଏପ୍ରିଲ ୧୩ରେ ବାଜିଚୌକସ୍ଥିତ ପୁରୁଣା ଜିଲା ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହେଲଥ ସେଣ୍ଟର କାର୍ଯ୍ୟକ୍ଷମ ହୋଇଥିଲା। ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏହାର ଶଯ୍ୟା ସଂଖ୍ୟାରେ ବୃଦ୍ଧି କରାଯିବା ସହ ଏହାକୁ କୋଭିଡ୍ ହସ୍ପିଟାଲରେ ପରିଣତ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

ଏହି ଅବସରରେ ପୌରାଞ୍ଚଳର ବିଭିନ୍ନ ୱାର୍ଡ ବୁଲି ଆବର୍ଜନା ଉଠାଇବାକୁ ପରୀକ୍ଷାମୂଳକ ଭାବେ ୩ ବ୍ୟାଟେରି ଚାଳିତ ଗାଡ଼ିକୁ ଜିଲାପାଳ ଶୁଭାରମ୍ଭ କରିଥିଲେ। ଆଗାମୀ ଦିନରେ ଏଭଳି ୧୦ ଗାଡ଼ି ଆଣିବା ଲାଗି ପ୍ରସ୍ତାବ ରହିଛି। ଗାଡ଼ିଗୁଡ଼ିକୁ ମହିଳାମାନେ ଚଳାଇବେ ବୋଲି ପୌରସଂସ୍ଥା ପକ୍ଷରୁ କୁହାଯାଇଛି।

## ଶ୍ରମିକଙ୍କୁ ମିଳୁନି, ମେଶିନ କରୁଛି କାମ

**ଖମାର, ୧୦।୭**



ରାତିରେ ମେଶିନରେ ମାଟି ଖୋଳାଯାଉଛି।

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଇଞ୍ଜିଡି ପଞ୍ଚାୟତ ସାଆନ୍ଦା ଗ୍ରାମରେ ଶ୍ରମିକଙ୍କୁ କାମ ଦିଆ ନ ଯାଇ ମେଶିନ ମାଧ୍ୟମରେ ରାସ୍ତା କାମ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ୩୦ଟି ପରିବାରର ୬୦ରୁ ୭୦ ଶ୍ରମିକ କାମ ପାଇଁ ଅପେକ୍ଷା କରିଥିବା ବେଳେ ସେମାନଙ୍କୁ ରାସ୍ତା ନିର୍ମାଣ ସମ୍ପର୍କରେ ଅବଗତ କରା ନ ଯାଇ ରାତିରେ ମେଶିନ ଆଣି ମାଟି ଖୋଳାଯାଉଛି। ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କା ଅଟକଳରେ ତାଳବୁରିଠାରୁ ମଶାଣିହତା ପର୍ଯ୍ୟନ୍ତ ଯେଉଁ ଜଙ୍ଗଲ ରାସ୍ତା (୨୪୨୧୦୦୭୦୦୮/ ଆର୍‌ସି/୧୦୪୧୩୭୭୩) ନିର୍ମାଣ କରାଯାଉଛି ତାହା ସାଧାରଣତଃ କାହାରି କାର୍ଯ୍ୟରେ ଆସେନାହିଁ। ଗ୍ରାମର ମୁଖ୍ୟ ରାସ୍ତା ଶୋଚନୀୟ ଅବସ୍ଥାରେ ଥିବାବେଳେ ଜଙ୍ଗଲକୁ ରାସ୍ତା ନିର୍ମାଣର କାହିଁକି ଆବଶ୍ୟକତା ପଡିଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ପଞ୍ଚାୟତର ଏପରି କାର୍ଯ୍ୟକୁ ଜିଲା ପରିଷଦ ସଭ୍ୟ ସରୋଜ ସାହୁ ନିନ୍ଦା କରିଛନ୍ତି। ସରପଞ୍ଚ ଜୟନ୍ତ କୁମାର ଶରଣ କହିଛନ୍ତି, ରାସ୍ତା ନିର୍ମାଣ ସ୍ଥାନ ଏଯାଏ ଦେଖିନାହିଁ। ତାହା ଦେଖିବା ପରେ ଯାହା କିଛି ପଦକ୍ଷେପ ନିଆଯିବ। ପାଲଲହଡ଼ା ବିଡିଓ ରବି ନାରାୟଣ ମାଝି କହିଛନ୍ତି, ଯଦି ଉକ୍ତ ରାସ୍ତା ବ୍ୟବହାରରେ ଆସେନାହିଁ ତା’ହେଲେ ପଞ୍ଚାୟତ ଆକ୍ସନ ପ୍ଲାନ୍‌ରେ କିପରି ରହିଲା ସେ ବିଷୟରେ ବୁଝିବି।

### ବନ କର୍ମଚାରୀଙ୍କଠାରୁ ଲୁଟ୍

**ଅନୁଗୋଳ ଅଫିସ୍, ୧୦।୭**

ଅନୁଗୋଳ ସହର ଉପକଣ୍ଠରେ ଗୁରୁବାର ବିଳମ୍ବିତ ରାତିରେ ମାରଣାସ୍ତ୍ର ଦେଖାଇ ବନ କର୍ମଚାରୀ କିଶୋରନଗର ଥାନା ଅଙ୍ଗପଡ଼ା ଅଞ୍ଚଳର ଚିନ୍ମୟ କୁମାର ପ୍ରଧାନଙ୍କଠାରୁ ଦୁର୍ବୃତ୍ତମାନେ ଗାଡ଼ି ଓ ଟଙ୍କା ଲୁଟ୍ କରିଛନ୍ତି। ଏ ନେଇ ସେ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ସେ ବନ୍ତଳାରୁ ଅନୁଗୋଳକୁ ଆସୁଥିବାବେଳେ ପଞ୍ଚମହଲା ନିକଟରେ ଦୁଇ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଟଙ୍କା ଓ ଗାଡ଼ି ଛଡ଼ାଇ ନେଇଥିଲେ। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

### ସାପ କାମୁଡ଼ାରେ ଆଈଅଜା ମୃତ, ନାତି ଗୁରୁତର

**ବଇଣ୍ଡା, ୧୦।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ଦଳିତସାହିରେ ଏକ ବୃଦ୍ଧ ଦମ୍ପତିଙ୍କ ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଭୋଳା ଗୋଛାୟତ(୬୫) ଓ ସ୍ତ୍ରୀ ସାବିତ୍ରୀ ଗୋଛାୟତ(୬୧)। ଏଥିସହ ତାଙ୍କ ୮ ବର୍ଷର ନାତି ବିଭୂତି ଗୋଛାୟତ ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡିଛି, ଗୁରୁବାର ବିଳମ୍ବିତ ରାତିରେ ଭୋଳା, ସାବିତ୍ରୀ ତାଙ୍କ ନାତିଙ୍କ ସହ ଘରେ ଶୋଇଥିବାବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଶୁକ୍ରବାର ସକାଳେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଭୋଳା ଓ ସାବିତ୍ରୀଙ୍କ ମୃତ୍ୟୁ ଘଟିଥିଲା। ବିଭୂତିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଠାକୁରଗଡ ପୋଲିସ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୧୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### କଟକଣା ନ ମାନି ଫୁଟବଲ୍ ମ୍ୟାଚ

**ଅନୁଗୋଳ ଅଫିସ୍, ୧୦।୭**

ଅନୁଗୋଳ ଥାନା ଚନ୍ଦ୍ରବାହଳ ଗ୍ରାମରେ କେତେଜଣ କରୋନା କଟକଣା ନ ମାନି ଫୁଟ୍‌ବଲ ମ୍ୟାଚ ଖେଳୁଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ପ୍ରତିଦିନ ଅପରାହ୍ନରେ ଗାଁ ପଡ଼ିଆରେ ମ୍ୟାଚ ହେଉଛି। ଦିନକୁ ଦିନ କରୋନା ବ୍ୟାପିବାରେ ଲାଗିଥିଲେ ହେଁ ଏହାକୁ ଅଣଦେଖା କରାଯାଉଥିବାରୁ ସ୍ଥାନୀୟ ଲୋକେ ମଧ୍ୟ ସଂକ୍ରମିତ ହେବାର ଆଶଙ୍କା ଦେଖାଦେଇଛି। ନିର୍ଦ୍ଦେଶନାମା ନ ମାନି ଏଭଳି ହେଉଥିଲେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

## ଘରେ ପଶୁଛି ପ୍ରକଳ୍ପ ପାଣି

**ଆଠମଲ୍ଲିକ, ୧୦।୭(ଡି.ଏନ.ଏ.)**



ଚାଷୀଙ୍କ ସୁବିଧା ପାଇଁ ଆଠମଲ୍ଲିକ ବ୍ଲକରେ ଜଳସେଚନ ପ୍ରକଳ୍ପ ନିର୍ମିତ ହୋଇଥିଲେ ହେଁ ବିଭାଗୀୟ ଅବହେଳା ଯୋଗୁ ଅସୁବିଧା ଭୋଗୁଛନ୍ତି ଓଳଥ ଗ୍ରାମବାସୀ। ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ବ୍ୟୟ ହୋଇଥିଲେ ମଧ୍ୟ ସେଠାରେ ଗେଟ୍ ଲଗାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ମରାମତି କାମ ଅଧାରେ ରହିଥିବାବେଳେ କେନାଲ କାର୍ଯ୍ୟ ସରିଛି। ହେଲେ ଗେଟ୍ ନ ଥିବାରୁ ଜମି ବଦଳରେ ଘରେ ଏହି ପ୍ରକଳ୍ପ ପାଣି ପଶୁଛି। ବର୍ଷା ହେଲେ ଗାଁ ଭିତରେ ପାଣି ପଶିବା ସହ ଜମି ରହୁଛି। ଏଥିଯୋଗୁ ଗ୍ରାମବାସୀ ହଇରାଣ ହେଉଛନ୍ତି। ସେଠାରେ ଗେଟ୍ ଲଗାଇବାକୁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ସତ୍ତ୍ୱେ କେହି ଦୃଷ୍ଟି ନ ଦେବାରୁ ଗ୍ରାମର ଗିରିଶ ଚନ୍ଦ୍ର ଖେତି ଶୁକ୍ରବାର ଏ ସମ୍ପର୍କରେ ସ୍ଥାନୀୟ ଉପଜିଲାପାଳଙ୍କୁ ଜଣାଇଛନ୍ତି। ତୁରନ୍ତ ଗ୍ରାମର ସମସ୍ୟା ଦୂର କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ଗେଟ ପାଇଁ ପ୍ରସ୍ତାବ ଯାଇଛି। ସରକାର ପ୍ରସ୍ତାବ ଗ୍ରହଣ କଲେ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ।

## ମାଓବାଦୀ ମୁକ୍ତ ସତ୍ତ୍ୱେ ସତର୍କ ରହିବା: ଏସ୍‌ପି

**ଅନୁଗୋଳ ଅଫିସ୍, ୧୦।୭**



ଏସ୍‌ପି ଜଗମୋହନ ମୀନା

ଅନୁଗୋଳ ଜିଲାରେ ଏବେ ମାଓବାଦୀଙ୍କ ଚଳପ୍ରଚଳ ନାହିଁ। ଗତ ଦୁଇ ବର୍ଷ ମଧ୍ୟରେ ମାଓବାଦୀଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ତେଣୁ ମାଓପ୍ରବଣ ଜିଲା ତାଲିକାରୁ ଅନୁଗୋଳକୁ ସରକାର ମୁକ୍ତ କରିଛନ୍ତି। ଓଡ଼ିଶା ପୋଲିସ ଓ ଅନୁଗୋଳ ପୋଲିସ ପାଇଁ ଏହା ଗର୍ବର ବିଷୟ। ତଥାପି ଏହାକୁ ଖାମଖିଆଲି ଭାବେ ନ ନେଇ ସତର୍କ ରହିବା ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜଗମୋହନ ମୀନା ପ୍ରକାଶ କରିଛନ୍ତି।

ଏସ୍‌ପି କହିଛନ୍ତି, ଅନୁଗୋଳ ଜିଲାରେ ଗତ ୫ ବର୍ଷରେ ୯ ଥର ମାଓବାଦୀ କାର୍ଯ୍ୟକଳାପ ଦେଖାଦେଇଛି। ସେଥିମଧ୍ୟରୁ ୬ ଥର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ୨୦୧୩ରେ ଛେଣ୍ଡିପଦା ଥାନା ପାତ୍ରପଡ଼ା ନିକଟରେ ପ୍ରଥମେ ମାଓବାଦୀଙ୍କ ସହ ପୋଲିସର ମୁହାଁମୁହିଁ ହୋଇଥିଲା। ୨୦୧୬ ଜାନୁୟରୀ ୨୪ରେ ପାଲଲହଡ଼ା ଥାନା ଅଧୀନରେ କଳଙ୍ଗ ଡିଭିଜନ୍‌ର ସୁନୀଲ ଓରଫ ପି. କୁମାରସ୍ୱାମୀ ଓ ତାଙ୍କ ସ୍ତ୍ରୀ ସୋନିଙ୍କୁ ଏସ୍ଓଜି ଟିମ୍ ଏନ୍‌କାଉଣ୍ଟର କରିଥିଲେ। ୨୦୧୫ ଫେବୃୟାରୀ ୧୨ରେ ପାଲଲହଡ଼ା ଥାନା ପଟାମୁଣ୍ଡା ଗାଁର ସାମୁଏଲ ବୋଡ଼ରାକୁ ମାଓବାଦୀ ହତ୍ୟା କରିଥିଲେ। ସେହିବର୍ଷ ସେପ୍ଟେମ୍ବର ୨୯ରେ ପୁରୁଣାକୋଟ ଥାନା ଫରେଷ୍ଟ ବିଟ୍ ହାଉସ୍ ଉପରେ ଅତର୍କିତ ଗୁଳିଚାଳନା କରିଥିଲେ। ୩୦ ତାରିଖରେ ଟୁଲୁକା ଫରେଷ୍ଟ ବିଟ୍ ହାଉସ୍‌କୁ ଅଗ୍ନି ସଂଯୋଗ କରିଥିଲେ। ଶେଷଥର ପାଇଁ ୨୦୧୮ ଅଗଷ୍ଟ ୧୨ରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀ ପ୍ରବଣ ଜିଲା ତାଲିକାରୁ ମୁକ୍ତ ହୋଇଥିଲେ ବି ଗୋଇନ୍ଦା ବିଭାଗ ଓ ଅନୁଗୋଳ ପୋଲିସ ଦୃଷ୍ଟି ରଖିବ। ଆବଶ୍ୟକ ପଡିଲେ ଏସ୍ଓଜି ରିକ୍ୟୁସନ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

### ଆତ୍ମସମର୍ପଣ କରିଛନ୍ତି ୬ ମାଓବାଦୀ

ଅନୁଗୋଳ ଜିଲାରେ ମାଓବାଦୀ କାର୍ଯ୍ୟକଳାପ ଦେଖାଦେବା ପରଠାରୁ ଅଦ୍ୟାବଧି ୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ୨୦୧୫ ଡିସେମ୍ବରରେ ସମ୍ବଲପୁର-ଦେବଗଡ଼-ସୁନ୍ଦରଗଡ଼(ଏସ୍‌ଡିଏସ୍) କ୍ୟାଡରର ମାଧବ, ୨୦୧୬ ଏପ୍ରିଲ ୬ରେ ପୁରୁଣାକୋଟ ଥାନା ସିଟିକୋଇଲି ଅଞ୍ଚଳର ପିଣ୍ଟୁ ଓ ୨୦୧୭ ଡିସେମ୍ବରରେ ଝାଡ଼ଖଣ୍ଡ ଅଞ୍ଚଳର ଜଣେ, ଏସ୍‌ଡିଏସ୍ କ୍ୟାଡରର ଜଣେ, ୨୦୧୮ ଏପ୍ରିଲରେ ରାଞ୍ଚି ଅଞ୍ଚଳର ଛୋଟୁ ଗଞ୍ଜୁ ଓ ଏସ୍‌ଡିଏସ୍ କ୍ୟାଡରର ଜଣେ ଅନୁଗୋଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।

### ପରିଶ୍ରମର ଫଳ ମିଳିଛି: ଆଇଜି

ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜି ନରସିଂହ ଭୋଳ କହିଛନ୍ତି, ପୋଲିସ କର୍ମଚାରୀଙ୍କ ପରିଶ୍ରମର ଫଳ ମିଳିଛି। ଅନୁଗୋଳ ମାଓବାଦୀ ଜିଲା ତାଲିକାରୁ ମୁକ୍ତ ହୋଇଥିବାରୁ ସରକାର ଏବେ ଅନ୍ୟ ଜିଲାର ମାଓବାଦୀଙ୍କ ଉପରେ ଅଧିକ ଧ୍ୟାନ ଦେଇପାରିବେ। ୨୦୧୬ରେ ପୋଲିସ ଏନ୍‌କାଉଣ୍ଟର ପରେ କଳିଙ୍ଗନଗର ମାଓବାଦୀ କ୍ୟାଡର ଗତିବିଧି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। ଏହାପରେ ଜଣେ ପରେ ଜଣେ ମାଓଦାବୀ ଆତ୍ମସମର୍ପଣ କରିଥିଲେ। ଗୋଇନ୍ଦା ବିଭାଗର ଉଦ୍ୟମ ଯୋଗୁ ଏସବୁ ସମ୍ଭବ ହୋଇଛି।

